## ସଂକ୍ଷେପରେ

### ସାପ କାମୁଡାରେ ଜଣେ ମୃତ

ମାଲକାନଗିରି,୩୦।୮(ସ୍ୱ.ପ୍ର.)-ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ପଦ୍ମଗିରି ପଞ୍ଚାୟତର ଜଦୁଗୁଡା ଗ୍ରାମରେ ସାପ କାମୁଡାରେ ଜଣକର ମୃତ୍ୟୁ ହୋଇଛି। ଜଦୁଗୁଡା ଗ୍ରାମର ଅମୁ କୁରାମୀ(୪୦) ସୋମବାର ଗାଈ ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସେଠାରେ କୌଣସି ବିଷଧର ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା। ସେ ଏନେଇ ସେତେବେଳେ ଜାଣିପାରି ନ ଥିଲେ। ଘରକୁ ଫେରିବା ପରେ ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ପରିବାର ଲୋକେ କଣ ହୋଇଛି ବୋଲି ପଚାରିବାରୁ ତାଙ୍କୁ ସାପ କାମୁଡି ଦେଇଥିବା ଆଶଙ୍କା କରି ଅମୁ କହିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ମାଲକାନଗିରି ଡାକ୍ତରଖାନାକୁ ନେଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

### ମୂକ ଓ ବଧିର ପିଲାଙ୍କ ସହ ଜନ୍ମ ଦିନ ପାଳିଲେ ଉପାଧ୍ୟକ୍ଷା

ସୁନାବେଡା,୩୦।୮(ସ୍ୱ.ପ୍ର.)- ସୁନାବେଡା ପୋରପାଳିକା ଉପାଧ୍ୟକ୍ଷା ରତ୍ନ କଣ୍ଟା ନିଜ ୨୬ତମ ଜନ୍ମ ଦିନକୁ ନିଜ ସମସ୍ତ ସହକର୍ମୀଙ୍କ ସହ ମିଶି ପୌରାଞ୍ଚଳରେ ଥିବା ମୂକ ଓ ବଧିର ସ୍କୁଲକୁ ଯାଇ ସେଠାରେ ପିଲାଙ୍କ ସହିତ ପାଳିଛନ୍ତି। ଅନ୍ତେବାସୀଙ୍କ ସହ ସେ ବହୁ ସମୟ ଅତିବାହିତ କରିବା ସହ ପିଲାମାନଙ୍କୁ ବିଭିନ୍ନ ପ୍ରକାର ମିଠା, ବିସ୍କୁଟ, ଚକଲେଟ ଆଦି ବାଣ୍ଟିଥିଲେ। ତାଙ୍କର ଏପରି ନିଆରା ଜନ୍ମ ଦିନ ପାଳନକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ପୌର ଅଧ୍ୟକ୍ଷ ଶ୍ରୀ ରାଜେନ୍ଦ୍ର ପାତ୍ର ମଧ ଏହାକୁ ପ୍ରଶଂସା କରିବା ସହ ଏଭଳି ପ୍ରୟାସ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ପ୍ରକାଶ କରିଥିଲେ।

### ଗାଈ ଚରାଇବାକୁ ଯାଇ ଜଣେ ମୃତ

ଦଶମନ୍ତପୁର, ୩୦।୮ ( ଡି.ଏନ୍.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତର ଉପର ଗୋଦଲା ଗ୍ରାମର ଜଣେ ବ୍ୟକ୍ତି ଗାଈ ଚରାଇବାକୁ ଯାଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ମାଟି ମୁଦୁଲି (୬୦)। ସେ ସାହୁକାରଙ୍କ ଗାଈ ନେଇଗ୍ରାମ ନିକଟସ୍ଥ ଘାଟିମୁଣ୍ଡ ଡଙ୍ଗରକୁ ଚରାଇବାକୁ ଯାଇଥିଲେ। ହେଲେ ଗାଈ ଧରି ଫେରିବା ବେଳେ ମାଟିଖାଲ ରାସ୍ତା କଡ଼ରେ ପଡ଼ିଯିବାରୁ ମାଟିଙ୍କ ମୃତ୍ୟୁ ହୋଇଥିଲା। ଏହା ଗ୍ରାମର ତୈଳକ ବିଶୋୟୀ ନାମକ ବ୍ୟକ୍ତି ଦେଖି ମାଟିଙ୍କ ସାନଭାଇ ତୁମ୍ବେଶ୍ୱରଙ୍କୁ ଜଣାଇଥିଲେ। ତେବେ ସାଥୀରେ ଗାଈ ଚରାଇବାକୁ ଯାଇଥିବା ଜୟ ମୁଦୁଲି କହିଛନ୍ତି ଯେ, ଉଭୟେ ଦେଶୀ ମଦ ପିଇ ଗାଈ ଚରାଇବାକୁ ଯାଇଥିଲେ। ଗ୍ରାମରେ ଚାଲିଥିବା ଚୋରା ମଦ କାରବାରକୁ ରୋକିବା ପାଇଁ ସ୍ଥାନୀୟ ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦାବି କରିଛି।

### ଦୁର୍ଘଟଣାକୁ କେନ୍ଦ୍ର କରି ରାସ୍ତା ଅବରୋଧ

ଜୟପୁର, ୩୦।୮ (ନି.ପ୍ର.)- ଗତ ୩ ଦିନ ତଳେ ଜୟପୁର କାଳିଆ ପେଟ୍ରୋଲ ପମ୍ପ ନିକଟରେ ଏକ ଦୁର୍ଘଟଣା ହୋଇଥିଲା। ଏଥିରେ ବାରିଣିପୁଟ ଖରା ସାହିର ଅର୍ଜୁନ ହନ୍ତାଲ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଅଭିଯୁକ୍ତଙ୍କୁ ଠାବ କରିବା ଦାବିରେ ଲୋକେ ବାରିଣିପୁଟଠାରେ ରାସ୍ତା ଅବରୋଧ କରିଥିଲେ। ଘଟଣା ସ୍ଥଳରେ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରି ସେମାନଙ୍କ ସହ ଆଲୋଚନା କରିଥିଲେ। ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ଗଞ୍ଜେଇ ଜବତ, ୨ ଗିରଫ




ଜୟପୁର, ୩୦।୮ (ନି.ପ୍ର.)-ଗଞ୍ଜେଇ ଚୋରାଚାଲାଣ ବେଳେ ଜୟପୁର ଟାଉନଥାନା ପୋଲିସ ଚଢାଉ କରି ଗଞ୍ଜେଇ ଜବତ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସହରର ସାନତେଲି ସାହିର କେ. କ୍ରିଷ୍ଣା ରାଓ , ଏବଂ ମହୁଲିର ଗୁପ୍ତ ଚରଣ ସାହୁ। ଏକ ସ୍କୁଟି ଗାଡିରେ ଗଞ୍ଜେଇ ଧରି ଯାଉଥିବା ବେଳେ ପୋଲିସ ସୂଚନା ପାଇ ଏଲଆଇସି ଅଫିସ ସମ୍ମୁଖରେ ଉଭୟଙ୍କଠାରୁ ଧରିଥିଲା। ସେମାନଙ୍କଠାରୁ ୨୨ କେଜି ୫ଶହ ଗ୍ରାମ ଗଞ୍ଜେଇ,୩ଟି ମୋବାଇଲ, ସ୍କୁଟି ଗାଡି ଜବତ କରାଯାଇଛି। ସେମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି।

# ବାଇକକୁ ଧକ୍କାଦେଲା ଟିପ୍ପର: ଗ୍ରାମବାସୀଙ୍କ ରାସ୍ତାରୋକୋ

ସୁନାବେଡା/ସେମିଳିଗୁଡା,୩୦।୮ (ସ୍ୱ.ପ୍ର.)


ରାସ୍ତାରୋକୋ କରିଥିବା ଗ୍ରାମବାସୀ।

ସୋମବାର ଅପରାହ୍ନ ୨ଟାରେ ସେମିଳିଗୁଡା ଥାନା ଅଧୀନ ୨୬ ନମ୍ବର ଜାତୀୟ ରାଜପଥ ଉଇଡ଼ା ଅଫିସ ନିକଟରେ ଏକ ଟିପ୍ପର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମବାସୀ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକି ରହିଛି। ମୃତକ ହେଲେ ସଞ୍ଜୟ ସାନ୍ତାଙ୍କ ସ୍ତ୍ରୀ ରଶ୍ମି ଖିଲ (୧୯)। ତାଙ୍କ ଘର କୁନ୍ଦୁଲି ଗ୍ରାମରେ ବୋଲି ଜଣାପଡିଛି।

ଖବରରୁ ଜଣାପଡିଛି, କଲେଜରେ ପଢୁଥିବା ବେଳେ ଗତ ଦେଢ଼ ବର୍ଷ ତଳେ ରଶ୍ମି ଓ ସଞ୍ଜୟ ବିବାହ କରିଥିଲେ। ପ୍ରତିଦିନ ଭଳି ମଙ୍ଗଳବାର ମଧ ଉଭୟେ ସୁନାବେଡାସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟରେ ପଢାସାରି ଅପରାହ୍ନ ୨ଟାରେ ନିଜ ବାଇକ୍‌ରେ କୁନ୍ଦୁଲି ଫେରୁଥିଲେ। ଏହି ସମୟରେ ୨୬ ନମ୍ବର ଜାତୀୟ ରାଜପଥରେ ଥିବା ଉଇଡ଼ା ଅଫିସ ନିକଟରେ ଦ୍ରୁତଗତିରେ ଆସୁଥିବା ଏକ ଟିପ୍ପର ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ରଶ୍ମିଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଗୁରୁତର ଆହତ ହୋଇଥିବା ସଞ୍ଜୟଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ ଓ ହସ୍ପିଟାଲକୁ ସ୍ଥାନାନ୍ତର ପଠାଯାଇଛି। ଏହି ଖବର ପ୍ରଚାର ହେବା ପରେ ଶତାଧିକ ଗ୍ରାମବାସୀ ୨୬ନଂ ଜାତୀୟ ରାଜପଥ ଉଇଡ଼ା ଅଫିସ ଛକ ନିକଟରେ ମୃତଦେହ ରଖି ରାସ୍ତାରେ ଟାୟାର୍ ଜାଳି ଦୀର୍ଘ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ

**ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର**

ଉତ୍ତେଜନା ଲାଗି ରହିଥିଲା। ଉପଯୁକ୍ତ କ୍ଷତିପୂରଣ ସହ ଦୁର୍ଘଟଣା ଘଟାଇଥିବା ବ୍ୟକ୍ତିଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଖବର ପାଇ ସେମିଳିଗୁଡା ଥାନା ଦାୟିତ୍ୱରେ ଥିବା ସୁନାବେଡା ଥାନା ଅଧିକାରୀ ସମ୍ବିତ୍ ବେହେରା,ସେମିଳିଗୁଡା ଥାନା ସେକେଣ୍ଡ ଅଫିସର ଦୀପକ ବାରିକ, ସେମିଳିଗୁଡା ଭାରପ୍ରାପ୍ତ ତହସିଲଦାର ଦେବବ୍ରତ କରାଟେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଲୋକଙ୍କୁ ବୁଝାଶୁଝା କରି ରେଡ୍‌କ୍ରସ୍‌ରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ପରେ ରାସ୍ତାରୋକୋ ହଟିଥିଲା। ସେମିଳିଗୁଡା ଥାନାରେ ଏନେଇ କେସ୍ ନଂ ୧୨୬/୨୨ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ପଠାଯାଇଛି। ପୋଲିସ୍ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ଦିଶା ବୈଠକରେ କେନ୍ଦ୍ରୀୟ ପ୍ରକଳ୍ପ ଅଗ୍ରଗତି ନେଇ ଆଲୋଚନା

କୋରାପୁଟ,୩୦।୮(ସ୍ୱ.ପ୍ର.)



କୋରାପୁଟସ୍ଥିତ ଡିଆରଡିଏ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଦିଶା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ରୀୟ ଯୋଜନାର ପ୍ରକଳ୍ପଗୁଡିକର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। କୋରାପୁଟଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ,କୋରାପୁଟ କୋରାପୁଟ ବିଧାୟକ ରଘୁରାମ ପଡାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢୀ, ଜିଲାପାଳ ଅବଦାଲ ଏମ. ଅଖତାର, ଜିଲା ପରିଷଦ ସଭାପତି ସସ୍ମିତା ମେଲକା ପ୍ରମୁଖଙ୍କ ସହ ଜିଲାର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ବୈଠକରେ ଜୟପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଅସ୍ଥାୟୀ ଗୃହ ପ୍ରଦାନ କରାଯାଇଥିବାବେଳେ ନୂତନ ଗୃହ ପାଇଁ ଜମି ଚିହ୍ନଟ କରାଯାଇଥିବା ଜିଲାପାଳ ସୂଚନା ଦେଇ ଅର୍ଥ ମଞ୍ଜୁର କରି କେନ୍ଦ୍ରୀୟ ବିଦ୍ୟାଳୟ ସେଠାରେ ଆରମ୍ଭ କରିବାକୁ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ଅଧିକାରୀଙ୍କୁ କୁହାଯାଇଥିବା ଜିଲାପାଳ କହିଥିଲେ ।

# ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ସ୍ୱାଗତ କଲେ ଯୁବ ଗୋଷ୍ଠୀ

କୋରାପୁଟ,୩୦।୮(ସ୍ୱ.ପ୍ର.)



ପଦ୍ମଶ୍ରୀ କମଳା ପୂଜାରୀ ସୁସ୍ଥ ହୋଇ ମଙ୍ଗଳବାର କୋରାପୁଟ ଫେରି ଆସିଛନ୍ତି। ସ୍ଥାନୀୟ ଓଏମପି ଛକଠାରେ ସହରର ଶତାଧିକ ଯୁବକ ତାଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ରାଜ୍ୟ ସରକାର ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେଇଥିବାରୁ ପଦ୍ମଶ୍ରୀ କମଳା ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରିଥିବା ଓଏସଏପି ସିପାହୀ ସଂଘର ଜୟରାମ ପୂଜାରୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ ହୋଇ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଗତ ୨୪ ତାରିଖରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଥିଲା।

# ୨ଦିନ ମଧ୍ୟରେ ଅଜଣା ରୋଗରେ ୨ ଛାତ୍ରଙ୍କ ମୃତ୍ୟୁ

ମାଲକାନଗିରି,୩୦।୮(ଡି.ଏନ୍.ଏ)–

**୮ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ**

ମାଲକାନଗିରି ଜିଲା ପଡିଆ ବ୍ଲକ କାଲଦାପାଲ୍ଲି ପଞ୍ଚାୟତ ଅନ୍ତର୍ଗତ କଲାଗଣ୍ଡା ମଙ୍ଗଳ ବିଭାଗ ବିଦ୍ୟାଳୟରେ ସୋମବାର ଜଣେ ଛାତ୍ର ପ୍ରଦୀପ ମୁଚାକି ଅଜଣା ରୋଗରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରଥିଲେ। ପୁଣି ମଙ୍ଗଳବାର ଉକ୍ତ ବିଦ୍ୟାଳୟର ଛାତ୍ର ଚିଣ୍ଟୁ କୁରାମୀଙ୍କ ମୃତ୍ୟୁ ହୋଇଛି। କୁରାମୀଙ୍କୁ ଗୁରୁତର ଅବସ୍ଥାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ଆଣି ପ୍ରାଥମିକ ଚିକିତ୍ସା କରି ତାଙ୍କ ଗ୍ରାମ ପୂଜାରିଗୁଡାରେ ନେଇ ଛାଡି ଦେଇଥିଲେ। ତେବେ ନିଜ ଗ୍ରାମରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସେ କଲାଗଣ୍ଡା ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ପଢୁଥିଲେ। ସେହି ବିଦ୍ୟାଳୟର ୮ ଜଣ ଛାତ୍ରୀଛାତ୍ର ଏହି ଅଜଣା ରୋଗରେ ପୀଡିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକ ଗୁରୁତର ହେବାରୁ ଏମ୍‌ଭି–୧୧୯ ଗ୍ରାମର ଦୀପା ମିସ୍ତ୍ରି, ଚିଣ୍ଟୁପାଲ୍ଲୀ ଗ୍ରାମର ସୁଶୀଲା ମାଡକାମି, କାଲଦାପାଲ୍ଲି ଗ୍ରାମର ନନ୍ଦି ସୋଡିଙ୍କୁ ପଡିଆ ଡାକ୍ତରଖାନାରୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ପଡିଆ ଡାକ୍ତରଖାନାରେ ଛାତ୍ର ମୁକେଶ ବେଟି, ଦେବା ମାଡକାମି, ଛାତ୍ରୀ ଦୁଲେ ବେଟି, ପଲେ କବାସୀ, ରୀତା ବେକ ଚିକିତ୍ସିତ ହେଉଛନ୍ତି। ଏକ ଡାକ୍ତରୀ ଟିମ୍ ଉକ୍ତ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରାଙ୍କୁ ବାରମ୍ବାର ଯୋଗାଯୋଗ କରିବା ସତ୍ତ୍ୱେ ସେ ଫୋନ୍ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଘଟଣାକୁ ନେଇ ବିଦ୍ୟାଳୟର ଅଭିଭାବକମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।


ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

## ଗୋଷ୍ଠୀଗତ ଜମି ପରିଚାଳନା ସମ୍ପର୍କିତ କର୍ମଶାଳା

ଚିତ୍ରକୋଣ୍ଡା,୩୦।୮(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଭାଗୃହରେ ପୋରୋବର୍ତ୍ତନ ଅନୁଷ୍ଠାନ ଆନୁକୂଲ୍ୟରେ ଗ୍ଲୋବାଲ ଗ୍ରୀନ ଗ୍ରାଣ୍ଟ ସହାୟତାରେ ୨ ଦିନିଆ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ଅଧ୍ୟକ୍ଷତା କରିଥିଲେ। ବିଜୟ ତପଙ୍କ ପରିଚାଳନାରେ ଗୋଷ୍ଠୀଗତ ଜମି ପରିଚାଳନା ସମ୍ପର୍କରେ ଏହି କର୍ମଶାଳା ହୋଇଥିଲା। ଜଙ୍ଗଲ ଜମିର ଜଙ୍ଗଲ ଜମିର ପ୍ରକାରଭେଦ, ପ୍ରକୃତ ଜଙ୍ଗଲ ଜମିର ଚିହ୍ନିଟକିରଣ, ସୁରକ୍ଷା ଏବଂ ଗୋଷ୍ଠୀ ଜଙ୍ଗଲ ଜମି ପରିଚାଳନା ନେଇ ଆଲୋଚନା କରାଯାଇଥିଲା। ସେହିପରି ମଙ୍ଗଳବାର ବ୍ଲକ ସଭାଗୃହରେ ପଞ୍ଚାୟତ ପ୍ରତିନିଧି, ଗ୍ରାମ ରୋଜଗାର ସେବକ, ଗ୍ରାମ ମୁଖିଆମାନଙ୍କୁ ନେଇ ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ୍‌ଙ୍କ ଅଧ୍ୟକ୍ଷତାରେ ଏମଜିଏନଆରଇଜିଏସ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲେ। କର୍ମଶାଳାରେ ଏମଜିଏନଆରଇଜିଏସର ୨୫୮ କାମ ସମ୍ପର୍କରେ ଆଲୋଚନା ହେବା ସହ ଗରିବ ଶ୍ରେଣୀର ବ୍ୟକ୍ତିଙ୍କୁ କିଭଳି ରୋଜଗାର ଯୋଗାଇ ଦେବା, ଶ୍ରମିକ ସ୍ଥାନାନ୍ତରଣକୁ ରୋକିବା, କାମ ଏବଂ ଅର୍ଥ ରୋଜଗାରକୁ ସୁନିଶ୍ଚିତ କରିବା ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ପୋରୋବର୍ତ୍ତନର ସମ୍ପାଦକ ସନ୍ତୋଷ ଶୁକ୍ଲା ପରିଚାଳନା କରିଥିଲେ। ଏପିଓ ଉଜ୍ଜ୍ୱଳ ଗିରି ସହଯୋଗ କରିଥିଲେ।

## ଷ୍ଟ୍ରିଟ ଲାଇଟ୍ ସମସ୍ୟା, ଦାବିପତ୍ର ଦେଲା ପବ୍ଲିକ ରାଇଟ୍ସ ଆସୋସିଏଶନ

ଜୟପୁର, ୩୦।୮(ନି.ପ୍ର.)

ଷ୍ଟ୍ରିଟ ଲାଇଟ ସମସ୍ୟାର ସମାଧାନ ପାଇଁ ପବ୍ଲିକ ରାଇଟ୍ସ ଆସୋସିଏଶନ ପକ୍ଷରୁ ଜୟପୁର ପୌରପାଳିକାକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଗ୍ରହଣ କରିଥିବା ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଜୟପୁର ପୌରାଞ୍ଚଳର ଅନେକ ସାହିରେ ଷ୍ଟ୍ରିଟ ଲାଇଟ ଦୀର୍ଘ ଦିନରୁ ଜଳୁନାହିଁ। ଫଳରେ ସାହିବାସିନ୍ଦା ହଇରାଣ ହେଉଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହିସମୟରେ ଆସୋସିଏଶନର କାହ୍ନୁ ଚରଣ ମହାନ୍ତି, ରାଜେନ୍ଦ୍ର ପାତ୍ର, ଅନିଲ ମିଶ୍ର, ଗୌର ଦାସ, ଲକ୍ଷ୍ମୀ ନାରାୟଣ ପାଢୀ, ଡି.ଶେଖର ରାଓ, ଦେବେନ୍ଦ୍ର ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ।

# ମାସେରୁ ଊର୍ଦ୍ଧ୍ୱ ହେଲା ଅନ୍ଧାରରେ କଲୋନୀ ବାସିନ୍ଦା

କୋରୁକୋଣ୍ଡା, ୩୦।୮(ଡି.ଏନ.ଏ.)

**ଶେଷରେ ଧାରଣାରେ ବସିଲେ**

ଦିନେ ନୁହେଁ କି ଦୁଇ ଦିନ ନୁହେଁ ପ୍ରାୟ ମାସେ ହେଲା ଅନ୍ଧାରରେ ଚଳୁଛନ୍ତି ଲୋକେ। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇ କିଛି ସୁଫଳ ନ ମିଳିବାରୁ ଶେଷରେ ଧାରଣାରେ ବସିଛନ୍ତି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନିଳାକାମ୍ବେରୁ ପଞ୍ଚାୟତ ସଦରରେ ଥିବା କଲୋନୀରେ। ଖବରରୁ ଜଣାପଡିଛି, ପିଆଇପି ବିଭାଗ ଦ୍ୱାରା ନିର୍ମିତ କ୍ୱାର୍ଟର୍ସରେ ଦୀର୍ଘଦିନ ଧରି ଏହି କଲୋନୀ ବାସିନ୍ଦା ରହି ଆସୁଥିଲେ। ସେମାନଙ୍କୁ ଜଳ ଓ ବିଦ୍ୟୁତ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିଲା। ଗତ ୧୮।୭।୨୨ରେ ବିନା ନୋଟିସରେ ବାଲିମେଳାସ୍ଥିତ ଓଏଚପିସି ପ୍ରକଳ୍ପ ପୋଟେରୁ ଅଧୀନରେ ଥିବା ବ୍ୟାରେଜ ସହ ଏହି କ୍ୱାର୍ଟର୍ସଗୁଡିକରୁ ବିଦ୍ୟୁତ୍ କାଟି ଦେଇଥିବା କଲୋନୀବାସୀ ଅଭିଯୋଗ କରିଛନ୍ତି। ଏଥିଯୋଗୁ ନିଳାକାମ୍ବେରୁଠାରେ ଥିବା ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ବାଳକ ଓ ବାଳିକା ହଷ୍ଟେଲ ମଧ୍ୟ ଅନ୍ଧାରରେ ରହୁଥିବା ଦେଖିବାକୁ ମିଳିଛି। ଏନେଇ ଅଞ୍ଚଳବାସୀ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଶେଷରେ ବାଧ୍ୟ ହୋଇ ଅଞ୍ଚଳବାସୀ ବାଲିମେଳାସ୍ଥିତ ପୋଟେରୁ ଜଳସେଚନ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

# କାର୍ଯ୍ୟରେ ଅବହେଳା ଯୋଗୁ ୨ ଶିକ୍ଷକଙ୍କୁ ବଦଳି

ମାଲକାନଗିରି,୩୦।୮ (ଡି.ଏନ୍.ଏ.)

କାର୍ଯ୍ୟରେ ଅବହେଳା ଯୋଗୁ ସଦର ମହକୁମାରୁ ୨ଜଣ ଶିକ୍ଷକଙ୍କୁ ବଦଳି କରାଯାଇଛି। ମାଲକାନଗିରି ଜିଲାରେ ଗତ ୧ ତାରିଖରୁ ଭୋଟର ଓ ଆଧାର କାର୍ଡ ସଂଯୋଗୀକରଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ଜିଲାର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ସଦର ମହକୁମାର ବେଙ୍ଗଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ଡାଲି ଓ କୁମୁଟିଗୁଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କୃଷ୍ଣକାନ୍ତ ମଣ୍ଡଳ ଏହି କାର୍ଯ୍ୟରେ ଅବହେଳା କରିଥିଲେ। ଫଳରେ ଶିକ୍ଷୟିତ୍ରୀ ଡାଲିଙ୍କୁ ମାଥିଲି ବ୍ଲକ ମହୁପଦର ପଞ୍ଚାୟତର ଗଲିଆଗୁଡା ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିବା ବେଳେ କୃଷ୍ଣକାନ୍ତଙ୍କୁ ଚିତ୍ରକୋଣ୍ଡା ବ୍ଲକ ଜୋଡାମ୍ବ ପଞ୍ଚାୟତର କନ୍ତୁରପଦର ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠିନଂ. ୩୭୧୩ ଓ ୩୭୨୧ରୁ ଜଣାପଡିଛି।

# ସୀମାନ୍ତରେ ମାଓବାଦୀ-ଯବାନ ଗୁଳିବିନିମୟ, କ୍ୟାମ୍ପ ଧ୍ୱଂସ

ମାଲକାନଗିରି,୩୦।୮ (ସ୍ୱ.ପ୍ର.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ଚିନ୍ତାଗୁମ୍ଫା ଜଙ୍ଗଲରେ ମାଓବାଦୀ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ମାଓବାଦୀମାନେ ଛତ୍ରଭଙ୍ଗ ଦେବାପରେ ଯବାନମାନେ ମାଓବାଦୀ କ୍ୟାମ୍ପ ଧ୍ୱଂସ କରିଦେଇଛନ୍ତି। ସୀମାନ୍ତ ଚିନ୍ତାଗୁମ୍ଫା ଜଙ୍ଗଲରେ ମାଓବାଦୀଙ୍କ କ୍ୟାମ୍ପ ଚାଲିଥିବା ଖବର ପାଇ ସେଠାକୁ ଡିଆରଜି ଓ ସିଆରପିଏଫ ଯବାନ ମାନେ କୁମ୍ବିଂ ଅପରେଶନରେ ଯାଇଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ଯବାନମାନେ ମଧ ଏହାର ଜବାବ ଦେଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ପ୍ରାୟ ୩୦ ମିନିଟ ଧରି ଗୁଳିବିନିମୟ ଜାରି ରହିଥିଲା। ଯବାନ ମାନଙ୍କୁ ମୁକାବିଲା କରି ନପାରି ମାଓବାଦୀମାନେ ଛତ୍ର ଭଙ୍ଗ ଦେଇ ଲୁଚି ପଳାଇଥିଲେ। ପରେ ଯବାନମାନେ ଜଙ୍ଗଲରେ ସର୍ଚ୍ଚ ଅପରେଶନ କରି ମାଓବାଦୀ କ୍ୟାମ୍ପରୁ ଗୋଳାବାରୁଦ, ପୋଷାକ ଜବତ କରି କ୍ୟାମ୍ପକୁ ଧ୍ୱଂସ କରିଦେଇଥିଲେ। ଯବାନଙ୍କ ପକ୍ଷରୁ ଜଙ୍ଗଲରେ କୋମ୍ବିଂ ଅପରେଶନ ଜାରି ରହିଛି।

# କୁଡୁମୁଲୁଗୁମ୍ମାରେ ଜିଲାସ୍ତରୀୟ ନିଯୁକ୍ତି ମେଳା

କୁଡୁମୁଲୁଗୁମ୍ମା,୩୦।୮(ଡି.ଏନ.ଏ.)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମାସ୍ଥିତ ଡାରଉଇନ୍ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ଜିଲା ପ୍ରଶାସନ ଓ ଓଡ଼ିଶା ଦକ୍ଷତା ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏପରି ନିଯୁକ୍ତି ମେଳା ଜିଲାର ବିଭିନ୍ନ ସ୍ଥାନରେ ଆୟୋଜନ କରାଯିବ ବୋଲି ସେଠୀ ପ୍ରକାଶ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ରୂପେ ମାଲକାନଗିରି ପଲିଟେକନିକ ମହାବିଦ୍ୟାଳୟର ଅଧ୍ୟାପକ ଅବକାଶ ପ୍ରଧାନୀ, ହାଇଦ୍ରାବାଦ ଡିମାର୍ଟ କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଏସ.ସାଇଲେସ୍ ରେଡ୍ଡି, ସୁଭଦ୍ରା ଚାରିଟେବୁଲ ଟ୍ରଷ୍ଟର ସିଡିସି ପିପିନ୍ ରାୟ, ଏକ୍ସପୋର୍ଟ ଗ୍ରୁପର ଜୋନାଲ ଅଧିକାରୀ ଦେବବ୍ରତ ସାମନ୍ତସିଂହାର, ଗ୍ରାମତରଙ୍ଗର କେନ୍ଦ୍ର ପରିଚାଳକ ବନଦେବ ହାତୀ, ବାଙ୍ଗାଲୋର ଏମଜିଏନଏଫ୍‌ର ସୁଧାଶ୍ରୀ ସାହୁ, ଜିଲା ନିୟୋଜନ ସଂଯୋଜକ ପ୍ରଳୟ ମେହେର ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଏହି ନିଯୁକ୍ତି ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ। ଯୋଗ ଦେଇଥିବା କମ୍ପାନୀର ଅଧିକାରୀମାନେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରଙ୍କୁ ନିଜ କମ୍ପାନୀର ଆବଶ୍ୟକ ପଦବୀରେ ନିଯୁକ୍ତି ଦେଇଥିବା ଜଣାପଡିଛି। ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ନିଯୁକ୍ତି ମେଳାରେ ଭାଗ ନେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ୪୧ କେଜି ଗଞ୍ଜେଇ ଜବତ, ୪ ଗିରଫ

ଜୟପୁର, ୩୦।୮ (ନି.ପ୍ର.)

ଗଞ୍ଜେଇ ଚୋରାଚାଲାଣ ବେଳେ ସଦରଥାନା ପୋଲିସ ଏହାକୁ ପଣ୍ଡ କରିଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଛକୁଣ୍ଡ ରାଇପଦା ଗ୍ରାମର ଭଦ୍ର ଖରା (୨୧) ମଧ୍ୟ ପ୍ରଦେଶର ଶିବ ନନ୍ଦ ପଟେଲ (୪୨) ବାରିଣିପୁଟର ସମର ଖେମୁଣ୍ଡୁ (୩୦) ଓ ଉତ୍ତର ପ୍ରଦେଶର ଭିନେଶ କୁମାର (୨୮)। ୨ଟି ବାଇକରେ ସେମାନେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ସଦର ପୋଲିସ ଖବରପାଇ ଡଙ୍ଗରଛିଣ୍ଡି ନିକଟରେ ଚଢାଉ କରସେମାନଙ୍କୁ ଧରିଥିଲା। ଲମତାପୁଟ ଅଞ୍ଚଳରୁ ଗଞ୍ଜେଇ ଆଣି ଅଭିଯୁକ୍ତମାନେ ବାହାର ରାଜ୍ୟକୁ ଚାଲାଣ କରୁଥିଲେ। ସେମାନେଙ୍କଠାରୁ ୨ଟି ବାଇକ (ଓଡି –୧୦ଇ– ୮୩୨୬) ଓ (ଏପି ୩୧ଏକ୍ୟୁ– ୯୬୩୮), ୧୦ ହଜାର ଟଙ୍କା, ୪ଟି ମୋବାଇଲ, ୪୧ କେଜି ଗଞ୍ଜେଇ ଜବତ ହୋଇଛି। ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।




# ଟେଣ୍ଡରର ଅବଧି ସରିଛି, ପୁଣି ଆଉଟ ସୋର୍ସିଂ ସଂସ୍ଥାକୁ ଅନୁକମ୍ପା

ମାଲକାନଗିରି,୩୦।୮(ସ୍ୱ.ପ୍ର.)


OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MALKANGIRI
(MEDICAL WING)

Letter No. 3307/2022/NMMAL/DHH Date: 10/8/2022

To,
Managing Director
Sumeet Security Services,
Bhubaneswar

Sub: Irregular supply of consumables for cleaning of DHH Malkangiri

This is favour of information and necessary action.

Yours Faithfully
DMO cum Supt. DHH, Malkangiri

Memo No. 3308 Date: 10/08/2022
Copy submitted to CDM & PHO, Malkangiri in favour of kind information & necessary action.
DMO cum Supt. DHH, Malkangiri

Memo No. 3309 Date: 10/08/2022
Copy submitted to Collector & District Magistrate, Malkangiri in favour of kind information.
DMO cum Supt. DHH, Malkangiri

ମାଲକାନଗିରି ଜିଲାରେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ରାଜ୍ୟ ସରକାର ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ସମସ୍ତ ବ୍ୟବସ୍ଥା କରିଛନ୍ତି। କେତେକ କ୍ଷେତ୍ରରେ ଆଉଟ ସୋର୍ସିଂ ସଂସ୍ଥାକୁ ନିୟୋଜିତ କରିବାକୁ ଠିକା ଦିଆଯାଇଛି। ମାତ୍ର ଏହି ସଂସ୍ଥାଗୁଡିକ କୌଣସି ବିଭାଗରେ ଠିକରେ କାର୍ଯ୍ୟ କରୁନାହାନ୍ତି। ଫଳରେ ଜିଲା ସଦର ମହକୁମା ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ଦୁର୍ବଳ ହେବା ସହ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଟେଣ୍ଡେଣ୍ଟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମଓ) ଡା. ପ୍ରଫୁଲ୍ଲ କୁମାର ନନ୍ଦଙ୍କୁ ଜଣାଇ ଆସୁଥିଲେ ମଧ୍ୟ ସେ ଅଣଦେଖା କରଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଟେଣ୍ଡର ଅବଧି ସରିଥିଲେ ମଧ୍ୟ ଏବେ ସମ୍ପୃକ୍ତ ଠିକା ସଂସ୍ଥାଗୁଡିକୁ ସିଡିଏମଓ ପୁଣି ନବୀକରଣ କରୁଥିବା ଜଣାପଡିଛି। ୨୦୧୮ ନଭେମ୍ବର ୨୮ରେ ରାଜ୍ୟର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସଫେଇ, ଲଣ୍ଡ୍ରି, ରୋଗୀଙ୍କୁ ଖାଇବା, ସୁରକ୍ଷା ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ମାଲକାନଗିରି ଜିଲା ସଦର ମହକୁମା ଡାକ୍ତରଖାନାରେ ଏହି ସେବା ଯୋଗାଇବାକୁ ସୁମିତ ସିକ୍ୟୁରିଟି ଏଜେନ୍ସିକୁ ଚୟନ କରାଯାଇଥିଲା। ଏହି ଏଜେନ୍ସି ଠିକା ପାଇବା ପରେ ନାମକୁମାତ୍ର କାମ କରିଆସିଛି। ଏନେଇ ଡାକ୍ତରଖାନା ସୁପରିଟେଣ୍ଡେଣ୍ଟ ସମ୍ପୃକ୍ତ ଠିକାସଂସ୍ଥା ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ୧୮।୭।୨୨ ଓ ୧୦।୮।୨୨ରେ ଚିଠି ଲେଖି ଜଣାଇଥିଲେ। ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନୁରୂପ ଭାବେ ସଫେଇ କାର୍ଯ୍ୟ ପାଇଁ ଦାୟିତ୍ୱ ନେଇଥିବା ଶାଇନ ଲଣ୍ଡ୍ରି ସର୍ଭିସ ମଧ୍ୟ ନିଜ ଦାୟିତ୍ୱରେ ଅବହେଳା କରିଆସୁଛି। ମାଲକାନଗିରି ଜିଲା ସଦର ଡାକ୍ତରଖାନା ଉପରେ ମାଲକାନଗିରି ସହ ସୀମାନ୍ତ ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗନା ରାଜ୍ୟର ରୋଗୀ ନିର୍ଭର କରିଥାନ୍ତି। ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ରାଜ୍ୟସ୍ତରୀୟ କାୟାକଳ୍ପ ପୁରସ୍କାର ପାଇଥିବା ଏହି ଡାକ୍ତରଖାନାର ଭିତ୍ତିଭୂମି ଏବେ ବିଗିଡିବାରେ ଲାଗିଛି। ଏ ସମ୍ପର୍କରେ ସିଡିଏମଓ ନନ୍ଦଙ୍କୁ ପଚାରିବାରୁ ସେ କିଛି ମତାମତ ଦେବାକୁ ମନା କରି ଦେଇଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ସାଧାରଣରେ ଦାବି ହେଉଛି।

